# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**19 July – 2026**

************************************

## ମୁଖ୍ୟ ସମ୍ବାଦ

- ଶ୍ରୀକ୍ଷେତ୍ର ଆଡପମଣ୍ଡପ ଜନ୍ମବେଦୀରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି ଚତୁର୍ଦ୍ଧାମୂର୍ତ୍ତି

— ବନକଲାଗି ନୀତି ପାଇଁ ରାତି ୯ଟାରୁ ୬ ଘଣ୍ଟା ପାଇଁ ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

- ଶ୍ରୀଜୀଉଙ୍କ ରତ୍ନଅଳଙ୍କାର ଗଣତିମଣତି କାର୍ଯ୍ୟ ଆଜି ପାଇଁ ଶେଷ;
- ଆସନ୍ତାକାଲିଠାରୁ ଆରମ୍ଭ ହେଉଛି ସଂସଦର ମୌସୁମୀ ଅଧିବେଶନ

ଏବଂ

- ତାସକେଣ୍ଟରେ ଅନୁଷ୍ଠିତ ରସାୟନ ବିଜ୍ଞାନ ଅଲିମ୍ପିଆଡ୍‌ରେ  ଭାରତକୁ ସ୍ୱର୍ଣ୍ଣ

# ଶ୍ରୀଜୀଉଙ୍କ ଆଡପମଣ୍ଡପ ବିଜେ

ଶ୍ରୀକ୍ଷେତ୍ରରେ ଆଡପମଣ୍ଡପ ଜନ୍ମବେଦୀରେ ଚତୁର୍ଦ୍ଧାମୂର୍ତ୍ତି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି। ଶୃଙ୍ଖଳିତ ନୀତିକାନ୍ତି ସହ ଆଜିଠାରୁ ଆଡପ ଅଭଡା ମିଳୁଛି।

ନବଦିନାତ୍ମକ ଯାତ୍ରାରେ ଯାଇ ଗତକାଲି ଶ୍ରୀଜୀଉମାନେ ଜନ୍ମବେଦୀକୁ ବିଜେ କରିଥିଲେ। ଆଜିଠାରୁ ଆଡପମଣ୍ଡପରେ ମହାପ୍ରଭୁଙ୍କ ଦୈନନ୍ଦିନ ସେବା ପୂଜା କରାଯାଉଛି। ଶ୍ରୀଜଗନ୍ନାଥ ମନ୍ଦିର ପରି ଏଠାରେ ମଧ୍ୟ ମଙ୍ଗଳ ଆଳତୀ, ମଇଲମ, ତପଡଲାଗି, ଅବକାଶ, ବେଶ, ଗୋପାଳବଲ୍ଲଭ ପୂଜା, ସକାଳ ଧୂପ, ଭୋଗମଣ୍ଡପ, ମହାସ୍ନାନ, ବଡସିଂହାର ବେଶ, ରାତ୍ରପହୁଡ ଆଦି କରାଯାଉଛି। ଆସନ୍ତାକାଲି ହେରାପଞ୍ଚମୀ ନୀତି ଅନୁଷ୍ଠିତ ହେବ।

ଏଥିରେ କାଳିଆ ଠାକୁରଙ୍କୁ ଶ୍ରୀମନ୍ଦିରରେ ନ ପାଇ ଆଡପମଣ୍ଡପରୁ ଫେରାଇ ଆଣିବା ପାଇଁ ରଥଯାତ୍ରାର ପଞ୍ଚମ ଦିବସରେ ଅର୍ଥାତ ଆଷାଢ଼ ଶୁକ୍ଳ ଷଷ୍ଠୀ ତିଥିରେ ମହାଲକ୍ଷ୍ମୀ ଗୁଣ୍ଡିଚା ଘର ଯାତ୍ରା କରିବାର ପରମ୍ପରା ରହିଛି।

## ବନକଲାଗି ନୀତି

ଆଷାଢ ଶୁକ୍ଳ ପଞ୍ଚମୀ ତିଥିରେ ଆଜି ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଶ୍ରୀଗୁଣ୍ଡିଚା ମନ୍ଦିର ଆଡପ ମଣ୍ଡପରେ ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଆପାତତଃ ରାତ୍ର ୯ ଘଟିକାରୁ

ବିଳମ୍ବିତ ରାତ୍ର ୩ଘଟିକା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

# ଅଳଙ୍କାର ଗଣତିମଣତି

ପୂର୍ବ ନିର୍ଦ୍ଧାରିତ ସମୟାନୁସାରେ ସରକାରଙ୍କର ମାର୍ଗଦର୍ଶିକା ଅନୁସାରେ ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ରତ୍ନ ଅଳଙ୍କାର ଗଣତିମଣତି କାର୍ଯ୍ୟ ଆଜି ପାଇଁ ଶେଷ ହୋଇଛି । ଆଜି ପୂର୍ବାହ୍ଣ ୧୧ଟା ୩୦ ମିନିଟ୍‌ରୁ ପ୍ରାୟ ୨ ଘଣ୍ଟା ୨୭ ମିନିଟ୍ ପର୍ଯ୍ୟନ୍ତ ଅଳଙ୍କାର ଗଣତି ମଣତି କରାଯାଇଥିବାବେଳେ ମହାପ୍ରଭୁଙ୍କ ୯ଟି ଦୁର୍ଲଭ ଶ୍ରୀଅଙ୍ଗଲାଗି ଓ ମେଳକ କାର୍ଯ୍ୟ କରାଯାଇଥିଲା । ସମସ୍ତ ଅଳଙ୍କାରର ଓଜନ ମାପ ପରେ ଥ୍ରୀଡିଗ୍ରାଫି ଓ ଭିଡିଓଗ୍ରାଫି ସହ ରତ୍ନ ବିଶାରଦମାନଙ୍କ ଦ୍ୱାରା ମୂଲ୍ୟବାନ ରତ୍ନଗୁଡ଼ିକର ଚିହ୍ନଟ କରାଯାଇଥିଲା । ତେବେ ଶ୍ରୀଜୀଉଙ୍କ ଶ୍ରୀଅଙ୍ଗରେ ଲାଗି ହୋଇଥିବା ଝୋବାକଣ୍ଠି ଅଳଙ୍କାରର ଗଣତି ଓ ମେଳକ ହୋଇପାରିନାହିଁ । ସ୍ନାନପୂର୍ଣ୍ଣିମା ପରେ ରାହୁ ରେଖା, ଚିତା, ଅଣ୍ଟାପଟି ଓଲାଗି ହୋଇଥିବାବେଳେ ନୀଳାଦ୍ରିବିଜେ ପୂର୍ବରୁ ଏହି ଅଳଙ୍କାର ସବୁର ଗଣତିମଣତି ହୋଇଛି । ଗଣତିକାର୍ଯ୍ୟ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୂଚନା ଦେଇ କହିଛନ୍ତି.....

**- V/O -**

# ସୁଭଦ୍ରା ଶକ୍ତି ସମ୍ମିଳନୀ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଜି ମୟୂରଭଞ୍ଜ ଜିଲ୍ଲାର ବାରିପଦାସ୍ଥିତ ତକତପୁରଠାରେ ଆଂଚଳିକ ସୁଭଦ୍ରା ଶକ୍ତି ଭିଜନ ସମ୍ମିଳନୀରେ ଯୋଗଦେଇଛନ୍ତି । ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଆୟୋଜିତ ସମ୍ମିଳନୀରେ ଶ୍ରୀମତୀ ପରିଡା କହିଛନ୍ତି, ଏହି ସମ୍ମିଳନୀ

ମହିଳାଙ୍କ ଆର୍ଥିକ ସ୍ୱାବଲମ୍ବନ, ନେତୃତ୍ୱ ବିକାଶ ଓ ସଶକ୍ତୀକରଣକୁ ଅଧିକ ଗତିଶୀଳ କରିବ। ଏହା ସହ ସୁଭଦ୍ରା ଶକ୍ତିକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଶ୍ରୀମତୀ ପରିଡା କହିଛନ୍ତି। ଏହି ଅବସରରେ ଶ୍ରୀମତୀ ପରିଡା ଲକ୍ଷପତି ଦିଦି ସହାୟିକାମାନଙ୍କ ସହିତ ଆଲୋଚନା କରିଛନ୍ତି। ଏଥିରେ  ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ବ୍ଲକ୍‌ସ୍ତରୀୟ ଫେଡେରେସନର ସଦସ୍ୟାମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର, ରାଇରଙ୍ଗପୁର, ଓ ବାରିପଦା, ସାରସକଣାର ବିଧାୟକ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଓଡ଼ିଶା ହାଇୱେ

ସଡକ, ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା ଉପକୂଳ ଦେଇ ୧୬୦ କିଲୋମିଟର ଦୀର୍ଘ ରାମେଶ୍ୱର ପାରାଦ୍ୱୀପ ଜାତୀୟ ରାଜପଥ ନିର୍ମାଣ ହେବ। ଏଥିନିମନ୍ତେ ୮ ହଜାର କୋଟିରୁ ଅଧିକ ଟଙ୍କା ବ୍ୟୟବରାଦ କରାଯାଇଛି। ରାମେଶ୍ୱର-ପାରାଦ୍ୱପ ରାଜପଥ’ ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡା ଏବଂ ଜଗତ୍‌ସିଂହପୁର ଜିଲ୍ଲା ଦେଇ ଅତିକ୍ରମ କରିବ। ରାଜ୍ୟର ଉପକୂଳ ଅଂଚଳରେ ସାଂସ୍କୃତିକ, ଧାର୍ମିକ, ପର୍ଯ୍ୟଟନ ଏବଂ ଅର୍ଥନୈତିକ କ୍ଷେତ୍ରଗୁଡ଼ିକ ମଧ୍ୟରେ ନିରନ୍ତର ଯୋଗାଯୋଗ ରକ୍ଷା କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ଏହି ପ୍ରକଳ୍ପ ହାତକୁ ନିଆଯାଇଛି। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏହି ପ୍ରକଳ୍ପ ମାଧ୍ୟମରେ ଓଡ଼ିଶା ଉପକୂଳ ଅଞ୍ଚଳର ସଡ଼କ ଭିତ୍ତିଭୂମିର ଉନ୍ନତି କରାଯିବା ସହ ପର୍ଯ୍ୟଟନ ଏବଂ ଅର୍ଥନୈତିକ କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରାଯିବାର ଲକ୍ଷ୍ୟ ରଖାଯାଇଛି।

## ମୌସୁମୀ ଅଧିବେଶନ-ସର୍ବଦଳୀୟ ବୈଠକ

ସଂସଦର ମୌସୁମୀ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେଉଛି। ଏହା ପୂର୍ବରୁ ଆଜି ନୂଆଦିଲ୍ଲୀ ସଂସଦ ଭବନ ପରିସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେଣ ରିଜିଜୁ, ରାଜ୍ୟସଭା ନେତା ଜଗତ ପ୍ରକାଶ ନଡ୍ଡାଙ୍କ ସମେତ ଅନ୍ୟ ଦଳର ନେତାମାନେ ଯୋଗ ଦେଇଥିଲେ। ସରକାର ସଂସଦର ଉଭୟ ଗୃହକୁ ସୁଚାରୁରୂପେ ପରିଚାଳନା କରିବା ଲାଗି ସମସ୍ତ ରାଜନୈତିକ ଦଳର ସହଯୋଗ ଲୋଡିଥିଲେ।

ମୌସୁମୀ ଅଧିବେଶନ କାଳରେ ବିଭିନ୍ନ ବିଲ୍ ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି। ଆୟକର ସଂଶୋଧନ ବିଲ୍ ୨୦୨୬, ସୁପ୍ରିମକୋର୍ଟ ବିଚାରପତିଙ୍କ ସଂଖ୍ୟା ସଂଶୋଧିତ ବିଲ୍, ଜନ୍ମ ଓ ମୃତ୍ୟୁ ନିବନ୍ଧନ ସଂଶୋଧିତ ବିଲ୍, ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ ବିଲ୍ ଓ ଏଫ୍‌ସିଆରଏ ଏବଂ ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍ ଉପରେ ଆଲୋଚନା ହେବା ନେଇ ସରକାରଙ୍କ ପକ୍ଷରୁ ଜଣାପଡିଛି। ଅଧିବେଶନ ଅଗଷ୍ଟ ମାସ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ।

## ଜନଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆସନ୍ତାକାଲି ବନ୍ଦ ରହିବ। ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା

ଦିଆଯାଇଛି। ଶୁଣାଣିର ପରବର୍ତ୍ତୀ ତାରିଖ ସମ୍ବାଦପତ୍ର ମାଧ୍ୟମରେ ଜନସାଧାରଣଙ୍କୁ ଜଣାଇ ଦିଆଯିବ।

## ମନ୍ କୀ ବାତ୍ କର୍ମଶାଳା

ଭୁବନେଶ୍ୱରସ୍ଥିତ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ମନ୍ କୀ ବାତ୍‌ର ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ପ୍ରମୁଖ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ ମନ କୀ ବାତ୍ ସମ୍ପର୍କରେ ଆଲୋକପାତ କରିଥିଲେ। ଗତ ୧୨ ବର୍ଷ ମଧ୍ୟରେ ଏହି କାର୍ଯ୍ୟକ୍ରମ ୧୩୫ଟି ସଂସ୍କରଣ ଶେଷ କରିଛି। ଆସନ୍ତା ୨୬ ତାରିଖରେ ପ୍ରଧାନମନ୍ତ୍ରୀ ୧୩୬ତମ ମନ କୀ ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବବିନିମୟ କରିବେ। ସାଧାରଣ ଲୋକଙ୍କ ପ୍ରେରଣାର ଉତ୍ସ ହୋଇଥିବା ଏହି କାର୍ଯ୍ୟକ୍ରମ ବର୍ତ୍ତମାନ ଏକ ଜନଆନ୍ଦୋଳନରେ ପରିଣତ ହୋଇଛି। ଦେଶବାସୀଙ୍କଠାରୁ ଆରମ୍ଭ କରି ପ୍ରବାସୀ ଭାରତୀୟ ତଥା ସମଗ୍ର ବିଶ୍ୱବାସୀଙ୍କ ଦ୍ୱାରା ଏହା ଆଦୃତ ହେବା ସହ ସର୍ବବ୍ୟାପୀ, ସର୍ବସ୍ପର୍ଶୀ ଓ ସମାବେଶୀ ହୋଇପାରିଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଓଡ଼ିଶାର ସାଧାରଣ ଲୋକଙ୍କ କୃତିତ୍ୱକୁ ଦେଶର ୧୪୦ କୋଟି ଜନତାଙ୍କ ସମ୍ମୁଖରେ ଉପସ୍ଥାପନ କରି ରାଜ୍ୟବାସୀଙ୍କୁ ଗୌରବାନ୍ୱିତ କରିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

## ସ୍ନାତକ ନାମଲେଖା

ରାଜ୍ୟରେ ଥିବା ସ୍ନାତକ ମହାବିଦ୍ୟାଳୟଗୁଡ଼ିକରେ ନାମଲେଖା ଲାଗି ଆସନ୍ତାକାଲି ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ମୋଟ୍ ୧ ହଜାର ୫୫ଟି ସ୍ନାତକ ମହାବିଦ୍ୟାଳୟରେ କଳା, ବିଜ୍ଞାନ, ବାଣିଜ୍ୟ, ସେଲ୍ଫ ଫାଇନାନସିଂ ଏବଂ ସଂସ୍କୃତ ପାଠ୍ୟକ୍ରମରେ ୨ ଲକ୍ଷ ୮୭ ହଜାର ୫୧୯ଟି ଆସନ ଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୮୪ ହଜାର ୩୮୪ଟି ଆସନରେ ନାମଲେଖା ଶେଷ ହୋଇଛି। ଉଚ୍ଚଶିକ୍ଷା ବିଭାଗ ପରିଚାଳିତ ସାମ୍ସ ପୋର୍ଟାଲରୁ ମିଳିଥିବା ତଥ୍ୟ ଅନୁଯାୟୀ, କଳାରେ ୧ ଲକ୍ଷ ୬ ହଜାର ୮୮୦ଟି ଆସନ ଖାଲି ରହିଥିବାବେଳେ ବିଜ୍ଞାନରେ ୬୦ ହଜାର ୮୨୮, ବାଣିଜ୍ୟରେ ୨୪ ହଜାର ୨୮୮, ସେଲ୍ଫ ଫାଇନାନସିଂରେ ୪ହଜାର ୧୭୨ ଏବଂ ସଂସ୍କୃତ ପାଠ୍ୟକ୍ରମରେ ୬ ହଜାର ୭୫୭ଟି ଆସନରେ ନାମଲେଖା ହେବ। ମେଧା ତାଲିକା ପ୍ରକାଶ ପରେ ମଙ୍ଗଳବାରରୁ ଗୁରୁବାର ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ନାମଲେଖାଇ ପାରିବେ। ଆସନ୍ତା ୨୯ ତାରିଖରେ ତୃତୀୟ ତଥା ଚୂଡ଼ାନ୍ତ ମେଧାତାଲିକା ପ୍ରକାଶ ପାଇବ।

## ଅଲିମ୍ପିଆଡ୍

ଉଜ୍‌ବେକିସ୍ତାନର ରାଜଧାନୀ ତାସକେଣ୍ଟରେ ଅନୁଷ୍ଠିତ ୫୮ତମ ରସାୟନ ବିଜ୍ଞାନ ଅଲିମ୍ପିଆଡ୍‌ରେ ଭାରତର ୪ ଜଣ ଯୁବ ପ୍ରତିଭା ସ୍ୱର୍ଣ୍ଣପଦକ ହାସଲ କରି ଦେଶ ପାଇଁ ଗୌରବ ଅର୍ଜନ କରିଛନ୍ତି। ଏଥିରେ ଓଡ଼ିଶାର ଦେବଦତ୍ତ ପ୍ରିୟଦର୍ଶୀଙ୍କ ସମେତ ହର୍ଷିତ୍ ସିଙ୍ଗଲ୍, କବୀର ଚିଲ୍ଲର ଏବଂ ସନ୍ଦିପ୍ କୁଚି ରହିଛନ୍ତି। ବିଜେତାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଜଣାଇ

କହିଛନ୍ତି, ବିଜୟୀ ଯୁବପ୍ରତିଭାଙ୍କ ପାଇଁ ଦେଶ ଗର୍ବ ଅନୁଭବ କରୁଛି। ବିଜ୍ଞାନ ପ୍ରତି ସେମାନଙ୍କର ନିଷ୍ଠା ଓ ଆଗ୍ରହ ଆଗାମୀ ଦିନରେ ଅନେକଙ୍କୁ ରସାୟନ ବିଜ୍ଞାନର ଅଧ୍ୟୟନ ଓ ଉତ୍କର୍ଷତା ହାସଲ କରିବାକୁ ପ୍ରେରଣା ଯୋଗାଇବ।

# ପାଣିପାଗ

ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତା ୨୪ ତାରିଖ ବେଳକୁ ରାଜ୍ୟର ଉତ୍ତରଭାଗ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପୁଣି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଉପକୂଳ ଓ ଆଭ୍ୟନ୍ତରୀଣ ଜିଲ୍ଲାଗୁଡିକରେ ମଧ୍ୟମରୁ ପ୍ରବଳ ବର୍ଷା ହୋଇପାରେ। ଅନ୍ୟପକ୍ଷରେ ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବା ନେଇ ସୁନ୍ଦରଗଡ଼, ଝାରସୁଗଡ଼ା, ବରଗଡ଼, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ ଓ ନୂଆପଡା ଜିଲ୍ଲାକୁ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଚଳିତ ମୌସୁମୀରେ ଜୁନ୍ ପହିଲାରୁ ଆଜି ସୁଦ୍ଧା ରାଜ୍ୟରେ ହାରାହାରି ୪୬୩ ଦଶମିକ ୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଯାହା ସ୍ୱାଭାବିକ ବୃଷ୍ଟିପାତଠାରୁ ୧୪ ପ୍ରତିଶତ ଅଧିକ।

ସନ୍ଧ୍ୟା ୬ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୨ ଦଶମିକ ୨/୯ ଫୁଟ ରହିଛି। ୪ଟି ଗେଟ୍‌ଦେଇ ଜଳଭଣ୍ଡାର ମଧ୍ୟକୁ ୧ ଲକ୍ଷ ୬୨ ହଜାର ୧୭୨ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୯୩ ହଜାର ୩୬୦ ଘନଫୁଟ ଜଳ ନିଷ୍କାସିତ ହେଉଛି।